Odisha Sub-ordinate Staff Selection Commission
(OSSSC), Govt. of Odisha

# OSSSC CRE 2025

## Combined Recruitment Examination · Preliminary · Question Paper

**16 Jun 2026 · 9:00 AM - 10:30 AM** **Odia Version**

RI · ICDS Supervisor · VAW · JA · ARI · Amin · SFS | Official Answer Key

## About this Paper


This is the **OSSSC Combined Recruitment Examination (CRE) 2025** Preliminary written test (Advt. IIE-120/2025-3219) for the posts of Revenue Inspector, ICDS Supervisor, Village Agricultural Worker, Junior Assistant, Assistant Revenue Inspector, Amin & Statistical Field Surveyor — **16 Jun 2026, 9:00 AM - 10:30 AM** shift, **Odia version**, with the correct option marked as per the official answer key.

**Exam pattern:** 100 questions · 100 marks · 90 minutes. Sections: Mathematics 20, General Studies 20, English 20, Odia 15, Computer 15, Logical Reasoning 10. Marking: **+1** correct, **−0.25** wrong.

✓ Correct option (highlighted green)


### More from QMaths

Check your marks & All-India rank at **rank.qmaths.in**. Master English vocabulary with the **Blackbook** app.




***Toppers' Choice, Blackbook of English Vocabulary, Now available in App format : DOWNLOAD NOW***

## Quant

**Q1** Quant

A, B ଓ C ଏକ ସହଭାଗୀତାରେ 3 : 2 : 5 ଅନୁପାତରେ ନିବେଶ କରନ୍ତି । 4 ମାସ ପରେ A ତାଙ୍କର ଅଂଶ 50% ବୃଦ୍ଧି କରନ୍ତି । ଯଦି ଏକ ବର୍ଷ ଶେଷରେ ମୋଟ ଲାଭ ₹39,600 ହୁଏ, ତେବେ ଲାଭରେ B ଙ୍କ ଅଂଶ କେତେ?

- **A.** D. ₹3,600
- **B.** B. ₹7,200 ✓
- **C.** A. ₹4,800
- **D.** C. ₹7,600

**Q2** Quant

3 cm ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ନିଦା ଅର୍ଦ୍ଧଗୋଲକର ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ କେତେ?

- **A.** C. $9\pi$ cm$^2$
- **B.** A. $27\pi$ cm$^2$ ✓
- **C.** D. $18\pi$ cm$^2$
- **D.** B. $36\pi$ cm$^2$

**Q3** Quant

A ର ବୟସ ଏବଂ B ର ବୟସର ତିନି ଗୁଣର ସମଷ୍ଟି 35 ବର୍ଷ ଅଟେ । ଯଦି A ର ବୟସର ପାଞ୍ଚ ଗୁଣକୁ B ର ବୟସର ଚାରି ଗୁଣ ସହ ଯୋଗ କରାଯାଏ, ତେବେ ମୋଟ 87 ବର୍ଷ ହେବ । A ଏବଂ B ର ବୟସର ସମଷ୍ଟି (ବର୍ଷ ରେ) ନିର୍ଣ୍ଣୟ କର ।

- **A.** A. 19 ✓
- **B.** C. 21
- **C.** B. 14
- **D.** D. 22

**Q4** Quant

ଏକ ଷ୍ଟିମର ସ୍ରୋତର ଅନୁକୂଳରେ ଏକ ନିର୍ଦ୍ଦିଷ୍ଟ ଦୂରତା ଅତିକ୍ରମ କରିବାକୁ 12 ଘଣ୍ଟା ଏବଂ ସ୍ରୋତର ପ୍ରତିକୂଳରେ 16 ଘଣ୍ଟା ସମୟ ନିଏ । ଯଦି ସ୍ଥିର ଜଳରେ ଷ୍ଟିମରର ବେଗ 35 km/hr ହୁଏ, ତେବେ ସ୍ରୋତର ବେଗ କେତେ?

- **A.** C. 7 km/hr
- **B.** D. 6 km/hr
- **C.** B. 5 km/hr ✓
- **D.** A. 4 km/hr

**Q5** Quant

ଜଣେ ବ୍ୟବସାୟୀ ଗୋଟିଏ ଜିନିଷକୁ ₹400 ରେ ଚିହ୍ନଟ କରିଛନ୍ତି । ସେ ଚିହ୍ନିତ ମୂଲ୍ୟ ଉପରେ 5% ଏବଂ 10% ର ଦୁଇଟି କ୍ରମିକ ରିହାତି ପ୍ରଦାନ କରୁଛନ୍ତି । ଜିନିଷଟିର ବିକ୍ରୟ ମୂଲ୍ୟ ନିର୍ଣ୍ଣୟ କର ।

- **A.** B. ₹342 ✓
- **B.** C. ₹346
- **C.** D. ₹352
- **D.** A. ₹356

**Q6** Quant

X ଓ Y ନାମକ ଦୁଇଟି ଟ୍ରେନ, ଯାହାର ଦୈର୍ଘ୍ୟ ଯଥାକ୍ରମେ 200 ମିଟର ଏବଂ 150 ମିଟର, ଦୁଇଟି ସମାନ୍ତରାଳ ରେଳପଥରେ ପରସ୍ପର ଅଭିମୁଖେ ଗତି କରୁଛନ୍ତି । ଟ୍ରେନ X ର ବେଗ 60 km/h ଏବଂ ଟ୍ରେନ Y ର ବେଗ 54 km/h । ଯଦି ଟ୍ରେନ ଦୁଇଟି ପରସ୍ପରକୁ ଅଧା ଅତିକ୍ରମ କରିବା ପରେ ଟ୍ରେନ X ର ବେଗ 45 km/h ହୁଏ, ତେବେ ସେମାନଙ୍କୁ ପରସ୍ପରକୁ ସମ୍ପୂର୍ଣ୍ଣ ଭାବେ ଅତିକ୍ରମ କରିବା ପାଇଁ କେତେ ସମୟ (ସେକେଣ୍ଡରେ) ଲାଗିବ? [ଉତ୍ତର ଦଶମିକ ଦୁଇ ସ୍ଥାନ ପର୍ଯ୍ୟନ୍ତ ସଠିକ ଭାବରେ ପ୍ରଦାନ କରନ୍ତୁ]

- **A.** D. 9.89 ସେକେଣ୍ଡ
- **B.** B. 10.89 ସେକେଣ୍ଡ
- **C.** C. 11.89 ସେକେଣ୍ଡ ✓
- **D.** A. 12.89 ସେକେଣ୍ଡ

**Q7** Quant

ଯଦି ଏକ ନିର୍ଦ୍ଦିଷ୍ଟ ତଥ୍ୟ ସେଟର ମାଧ୍ୟମାନ ଏବଂ ମଧ୍ୟମା ଯଥାକ୍ରମେ 43.5 ଏବଂ 64.4 ହୁଏ, ତେବେ ଆନୁଭବିକ ସମ୍ବନ୍ଧ ବ୍ୟବହାର କରି ସମାନ ତଥ୍ୟର ଗରିଷ୍ଠକର ମୂଲ୍ୟ ନିର୍ଣ୍ଣୟ କର ।

- **A.** C. 104.2
- **B.** D. 105.2
- **C.** A. 106.2 ✓
- **D.** B. 108.2

**Q8** Quant

4.8, 9.6 ଓ 11.2 ର ଚତୁର୍ଥ ସମାନୁପାତୀ ନିର୍ଣ୍ଣୟ କର ।

- **A.** B. 20.4
- **B.** D. 22.4 ✓
- **C.** C. 24.6
- **D.** A. 25.8

Blackbook Vocabulary — Now in the App! ► Download Now on Google Play

**Q9** Quant

X ରୁ X ର 17% ବିୟୋଗ କରିବା, X କୁ କେଉଁ ସଂଖ୍ୟା ଦ୍ୱାରା ଗୁଣନ କରିବା ସହ ସମାନ ଅଟେ?

- **A.** C. 0.83 ✓
- **B.** D. 0.17
- **C.** A. 0.5
- **D.** B. 0.017

**Q10** Quant

ସଂଖ୍ୟା 10, 14 ଏବଂ 0.16 ର ଲ.ସା.ଗୁ କେତେ?

- **A.** D. 140 ✓
- **B.** C. 280
- **C.** A. 420
- **D.** B. 70

**Q11** Quant

₹5,943 କୁ ଏପରି ତିନି ଭାଗରେ ବିଭକ୍ତ କରାଯାଇଛି ଯେପରିକି, ପ୍ରଥମ ଭାଗର ଅଧା, ଦ୍ୱିତୀୟ ଭାଗର ଏକ-ଚତୁର୍ଥାଂଶ ଏବଂ ତୃତୀୟ ଭାଗର ଏକ-ଅଷ୍ଟମାଂଶ ସମାନ ଅଟେ । ପ୍ରଥମ ଏବଂ ଦ୍ୱିତୀୟ ଭାଗ ମଧ୍ୟରେ ଥିବା ଧନାତ୍ମକ ଅନ୍ତର (₹ ରେ) କେତେ?

- **A.** D. 849 ✓
- **B.** A. 799
- **C.** C. 899
- **D.** B. 749

**Q12** Quant

ବାର୍ଷିକ ଭାବରେ ଚକ୍ରବୃଦ୍ଧି ହେଉଥିବା ବାର୍ଷିକ 17% ସୁଧ ହାରରେ 2 ବର୍ଷ ପାଇଁ ଏକ ନିର୍ଦ୍ଦିଷ୍ଟ ପରିମାଣର ମୂଳଧନରେ ଅର୍ଜିତ ସରଳ ସୁଧ ଏବଂ ଚକ୍ରବୃଦ୍ଧି ସୁଧ ମଧ୍ୟରେ ପାର୍ଥକ୍ୟ ₹465 ଅଟେ । ମୂଳଧନ ନିର୍ଣ୍ଣୟ କର । (ନିକଟତମ ଟଙ୍କାରେ ଉତ୍ତର ଦିଅ)

- **A.** D. ₹16,090 ✓
- **B.** B. ₹16,085
- **C.** C. ₹16,098
- **D.** A. ₹16,084

**Q13** Quant

ଦୁଇଟି ସମାନ୍ତରାଳ ସରଳରେଖାକୁ ଏକ ଛେଦକ ଛେଦ କଲେ, ଯଦି ଗୋଟିଏ ଅନୁରୂପ କୋଣର ପରିମାଣ 45° ହୁଏ, ତେବେ ଏକାନ୍ତର ବାହ୍ୟ କୋଣର ପରିମାଣ (ଡିଗ୍ରୀ ରେ) କେତେ ଅଟେ?

- **A.** B. 45 ✓
- **B.** A. 75
- **C.** C. 15
- **D.** D. 110

**Q14** Quant

ବାର୍ଷିକ 5% ସରଳ ସୁଧ ହାରରେ କେତେ ସମୟ (ମାସ ରେ) ରେ ₹3000 ରୁ ₹300 ସୁଧ ମିଳିବ?

- **A.** B. 24 ✓
- **B.** A. 21
- **C.** C. 22
- **D.** D. 28

**Q15** Quant

ପାଇପ P ଏବଂ Q ମିଶି ଏକ ଖାଲି କୁଣ୍ଡକୁ 6 ଘଣ୍ଟାରେ ଜଳରେ ପୂର୍ଣ୍ଣ କରିପାରିବେ । ଯଦି P ଏକାକୀ 7 ଘଣ୍ଟାରେ ସମାନ ପରିମାଣର ଜଳ ପୂର୍ଣ୍ଣ କରିପାରେ, ତେବେ Q ଏକାକୀ କେତେ ଘଣ୍ଟାରେ ସମାନ ପରିମାଣର ଜଳ ପୂର୍ଣ୍ଣ କରିବ?

- **A.** B. 42 ✓
- **B.** A. 43
- **C.** D. 44
- **D.** C. 41

**Q16** Quant

ଜଣେ ଦୋକାନୀ ଏକ ଜିନିଷର ଚିହ୍ନିତ ମୂଲ୍ୟ ଉପରେ 10% ଓ 15% ର ଦୁଇଟି କ୍ରମାଗତ ରିହାତି ପ୍ରଦାନ କରିବା ପରେ ଏହାକୁ ₹765 ରେ ବିକ୍ରି କରନ୍ତି । ଯଦି ସେ କୌଣସି ରିହାତି ଦେଇନଥାନ୍ତେ, ତେବେ ସେ କ୍ରୟ ମୂଲ୍ୟ ଉପରେ 25% ଲାଭ କରିଥାନ୍ତେ । ଜିନିଷର କ୍ରୟ ମୂଲ୍ୟ (₹ ରେ) କେତେ?

- **A.** A. 800 ✓
- **B.** C. 775
- **C.** B. 750
- **D.** D. 850

**Q17** Quant

ଏକ କମ୍ପାନୀର ଲାଭ ₹50,000 ରୁ ₹60,000 କୁ ବୃଦ୍ଧି ପାଇଛି । ବୃଦ୍ଧି ପ୍ରତିଶତ କେତେ?

- **A.** A. 15%
- **B.** B. 20% ✓
- **C.** C. 25%
- **D.** D. 30%

Blackbook Vocabulary — Now in the App! ► Download Now on Google Play

generated by rank.qmaths.in

**Q18** Quant

ଏକ ତ୍ରିଭୁଜାକାର ପାର୍କର ତିନୋଟି ପାର୍ଶ୍ୱ ଯଥାକ୍ରମେ 13 m, 14 m, ଏବଂ 15 m ଅଟେ । ପାର୍କ ଭିତରେ ଏକ ବୃତ୍ତାକାର ଫାଉଣ୍ଟେନ ନିର୍ମାଣ କରାଯିବ ଯେପରି ବୃତ୍ତଟି ତ୍ରିଭୁଜର ସମସ୍ତ ତିନି ବାହୁକୁ ସ୍ପର୍ଶ କରିବ । ଫାଉଣ୍ଟେନ ନିର୍ମାଣର ମୂଲ୍ୟ ବର୍ଗ ମିଟର ପିଛା ₹350 ଅଟେ । ଫାଉଣ୍ଟେନ ନିର୍ମାଣ କରିବା ପାଇଁ ଆବଶ୍ୟକ ହେଉଥିବା ମୋଟ ଖର୍ଚ୍ଚ ନିର୍ଣ୍ଣୟ କର । ($\pi = \frac{22}{7}$ ବ୍ୟବହାର କର)

- **A.** A. ₹17,600 ✓
- **B.** C. ₹16,700
- **C.** D. ₹18,600
- **D.** B. ₹15,900

**Q19** Quant

$(2.4)^3 - (1.2)^3 - (1.2)^3$ ର ମୂଲ୍ୟ ନିର୍ଣ୍ଣୟ କର ।

- **A.** B. 10.168
- **B.** C. 10.268
- **C.** D. 10.368 ✓
- **D.** A. 10.468

**Q20** Quant

A ଗୋଟିଏ କାମକୁ 22 ଦିନରେ ଶେଷ କରିପାରେ ଏବଂ B ସେହି କାମକୁ 25 ଦିନରେ ଶେଷ କରିପାରେ । ଯଦି ଦୁହେଁ ଏକାଠି କାମ କରନ୍ତି, ତେବେ କେତେ ଦିନରେ କାମଟି ଶେଷ ହେବ?

- A. $7\frac{18}{23}$
- B. $9\frac{27}{34}$
- C. $10\frac{31}{39}$
- D. $11\frac{33}{47}$ ✓

Blackbook Vocabulary — Now in the App! ► Download Now on Google Play

**Q21** GA

ଆର. କୌଶିକଙ୍କ ଦ୍ୱାରା ଲିଖିତ (2025 ମସିହାରେ ପ୍ରକାଶିତ) ପୁସ୍ତକ 'ଦି ରାଇଜ ଅଫ ଦି ହିଟମ୍ୟାନ (The Rise of the Hitman)' କେଉଁ ଭାରତୀୟ କ୍ରିକେଟରଙ୍କ ଜୀବନୀ ଉପରେ ଆଧାରିତ?

- **A.** C. ଶିଖର ଧୱନ
- **B.** A. ହାର୍ଦ୍ଦିକ ପାଣ୍ଡ୍ୟା
- **C.** B. ବିରାଟ କୋହଲି
- **D.** D. ରୋହିତ ଶର୍ମା ✓

**Q22** GA

ଜୁଲାଇ 2025 ରେ ମାଙ୍ଗାଲୋରର ରେମୋନା ଏଭେଟ ପେରେଇରା (Remona Evette Pereira) କେଉଁ ଶାସ୍ତ୍ରୀୟ ନୃତ୍ୟରେ ରେକର୍ଡ ସୃଷ୍ଟିକାରୀ 170 ଘଣ୍ଟା ପର୍ଯ୍ୟନ୍ତ ପ୍ରଦର୍ଶନ କରି ଗୋଲ୍ଡେନ ବୁକ ଅଫ ୱାର୍ଲ୍ଡ ରେକର୍ଡସରେ ସ୍ଥାନ ପାଇଥିଲେ?

- **A.** D. ମୋହିନୀଅଟ୍ଟମ
- **B.** C. କଥକ
- **C.** A. କୁଚିପୁଡି
- **D.** B. ଭରତନାଟ୍ୟମ ✓

**Q23** GA

ନିମ୍ନଲିଖିତ କେଉଁ ଅଧିନିୟମଟି ବ୍ରିଟିଶ ସଂସଦ ଦ୍ୱାରା ପାରିତ ହୋଇଥିଲା, ଯାହା ଇଷ୍ଟ ଇଣ୍ଡିଆ କମ୍ପାନୀଠାରୁ ଭାରତ ଶାସନ କରିବାର କ୍ଷମତାକୁ ବ୍ରିଟିଶ କ୍ରାଉନକୁ ହସ୍ତାନ୍ତର କରିଥିଲା?

- **A.** D. ଭାରତ ସରକାର ଅଧିନିୟମ, 1858 ✓
- **B.** B. ଭାରତ ସରକାର ଅଧିନିୟମ, 1861
- **C.** C. ଭାରତୀୟ ପରିଷଦ ଅଧିନିୟମ, 1861
- **D.** A. ଭାରତୀୟ ପରିଷଦ ଅଧିନିୟମ, 1892

**Q24** GA

ନିମ୍ନଲିଖିତ ମଧ୍ୟରୁ କେଉଁ ଗିରିପଥ ସିକିମ ଦେଇ ଭାରତକୁ ଚୀନ (ତିବ୍ବତ ସ୍ୱାୟତ୍ତ ଅଞ୍ଚଳ) ସହିତ ସଂଯୋଗ କରେ?

- **A.** A. ଶିପକୀ ଲା
- **B.** C. ରୋହତାଙ୍ଗ ଗିରିପଥ
- **C.** D. ନାଥୁ ଲା ✓
- **D.** B. ଲିପୁଲେଖ ଗିରିପଥ

**Q25** GA

ଏପ୍ରିଲ 2025 ରେ ମାଡ୍ରିଦ (Madrid) ଠାରେ ଅନୁଷ୍ଠିତ ଲରେଅସ ୱାର୍ଲ୍ଡ ସ୍ପୋର୍ଟସ ଆୱାର୍ଡସ 2025 (Laureus World Sports Awards 2025) ରେ କେଉଁ ଆଥଲେଟଙ୍କୁ **ସ୍ପୋର୍ଟସଓମେନ ଅଫ ଦ ଇୟର** ଭାବରେ ପୁରସ୍କୃତ କରାଯାଇଥିଲା?

- **A.** C. ସିଫାନ୍ ହସନ (Sifan Hassan)
- **B.** D. ଫେଥ କିପୟେଗନ (Faith Kipyegon)
- **C.** B. ଶିମୋନ ବାଇଲ୍ସ (Simone Biles) ✓
- **D.** A. ସିଡନୀ ମ୍ୟାକଲୋଫ୍ଲିନ-ଲେଭ୍ରୋନ (Sydney McLaughlin-Levrone)

**Q26** GA

ଓଡ଼ିଶା ବୈଦ୍ୟୁତିକ ଯାନ ନୀତି ବା Odisha Electric Vehicle Policy, 2021 (2026 ପର୍ଯ୍ୟନ୍ତ ସମ୍ପ୍ରସାରିତ) ନିମ୍ନଲିଖିତ କେଉଁ ମୁଖ୍ୟ ପ୍ରୋତ୍ସାହନଗୁଡ଼ିକ ପ୍ରଦାନ କରି ବୈଦ୍ୟୁତିକ ଗତିଶୀଳତା (electric mobility) ର ପ୍ରସାର କରିବାକୁ ଲକ୍ଷ୍ୟ ରଖିଛି?

- **A.** A. ମୋଟର ଯାନ ଟିକସ ଏବଂ ପଞ୍ଜୀକରଣ ଶୁଳ୍କରୁ ଛାଡ଼ ✓
- **B.** C. ରାଜ୍ୟବ୍ୟାପୀ ପେଟ୍ରୋଲ ଏବଂ ଡିଜେଲ ଚାଳିତ ଯାନବାହାନ ଉପରେ ବାଧ୍ୟତାମୂଳକ ପ୍ରତିବନ୍ଧକ
- **C.** D. ସମସ୍ତ ବେସରକାରୀ ଚାର୍ଜିଂ ଷ୍ଟେସନ ପାଇଁ ମାଗଣା ବିଦ୍ୟୁତ
- **D.** B. ଜୀବାଶ୍ମ ଇନ୍ଧନ ଚାଳିତ ଯାନ କ୍ରୟ ପାଇଁ ପ୍ରତ୍ୟକ୍ଷ ସବସିଡି

**Q27** GA

ନିମ୍ନଲିଖିତ ଉପାଦାନ ମାନଙ୍କ ମଧ୍ୟରୁ କେଉଁଟି ମୁଖ୍ୟତଃ ପୃଥିବୀର ବାହ୍ୟ ଅନ୍ତର୍ଭାଗ (outer core) ଗଠନ କରିଥାଏ?

- **A.** A. ସିଲିକନ ଏବଂ ଅକ୍ସିଜେନ
- **B.** C. ଆଇରନ ଏବଂ ନିକେଲ ✓
- **C.** B. ମ୍ୟାଗ୍ନେସିୟମ ଏବଂ ସିଲିକନ
- **D.** D. ଆଲୁମିନିୟମ ଏବଂ କ୍ୟାଲସିୟମ

**Q28** GA

ବ୍ରାହ୍ମଣୀ ନଦୀ କେଉଁ ଦୁଇଟି ନଦୀର ସଙ୍ଗମରୁ ସୃଷ୍ଟି ହୋଇଛି?

- **A.** C. ଶଙ୍ଖ ଏବଂ କୋଏଲ ✓
- **B.** B. ବୈତରଣୀ ଓ ସାଳନ୍ଦି
- **C.** D. ଇବ ଏବଂ ଓଙ୍ଗ
- **D.** A. ତେଲ ଏବଂ ଜିରା

**Q29** GA

ମାଇଟୋକଣ୍ଡ୍ରିଆକୁ କୋଷର 'ଶକ୍ତିକେନ୍ଦ୍ର' (powerhouses) ଭାବରେ କାହିଁକି ଜଣାଯାଏ?

- **A.** D. ଶ୍ୱସନ ସମୟରେ ସେଗୁଡିକ ATP ଆକାରରେ ଶକ୍ତି ନିର୍ଗତ କରନ୍ତି । ✓
- **B.** B. ସେଗୁଡିକ ହରିତ ଲବକ ଦ୍ୱାରା ଉତ୍ପାଦିତ ଶକ୍ତି ସଂରକ୍ଷଣ କରନ୍ତି ।
- **C.** A. ସେଗୁଡିକ ନ୍ୟଷ୍ଟିଗତ କାର୍ଯ୍ୟକଳାପ ପାଇଁ ଏନଜାଇମ ସଂଶ୍ଲେଷଣ କରନ୍ତି ।
- **D.** C. ସେଗୁଡିକ ସିଧାସଳଖ ସୂର୍ଯ୍ୟକିରଣରୁ ଶକ୍ତି ଶୋଷଣ କରନ୍ତି ।

**Q30** GA

ଗୋଟିଏ ବସ୍ତୁ ଏକ ବୃତ୍ତାକାର ପଥରେ ଗତି କରୁଛି । ଗତିକୁ ସମବୃତ୍ତିୟ ଗତି ଭାବରେ ବର୍ଗୀକୃତ କରିବା ପାଇଁ କେଉଁ ବୈଶିଷ୍ଟ୍ୟ ଗୁଡିକର ମିଶ୍ରଣ ସ୍ଥିର ରହିବା ଅତ୍ୟନ୍ତ ଆବଶ୍ୟକ?

- **A.** B. ବେଗ ଏବଂ ପରିବେଗର ଦିଗ
- **B.** A. ପରିବେଗ ଏବଂ ତ୍ୱରଣ ପରିମାଣ
- **C.** D. ବେଗ ଏବଂ ପଥ ର ବ୍ୟାସାର୍ଦ୍ଧ ✓
- **D.** C. ବିସ୍ଥାପନ ଏବଂ ଆବର୍ତ୍ତ କାଳ

Blackbook Vocabulary — Now in the App! ▶ Download Now on Google Play

**Q31** GA

ଡିସେମ୍ବର 2025 ରେ, କେଉଁ ଭାରତୀୟ ରାଜ୍ୟରେ ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ (DRDO) ଦ୍ୱାରା ଏକ ସୁଦୂରଗାମୀ ନିର୍ଦ୍ଦେଶିତ ରକେଟ (long-range guided rocket) ର ସଫଳ ପରୀକ୍ଷଣ କରାଯାଇଥିଲା?

- **A.** A. ଶ୍ରୀହରିକୋଟା, ଆନ୍ଧ୍ରପ୍ରଦେଶ
- **B.** B. ବେଙ୍ଗାଲୁରୁ, କର୍ଣ୍ଣାଟକ
- **C.** C. ଚାନ୍ଦିପୁର, ଓଡ଼ିଶା ✓
- **D.** D. ମହେନ୍ଦ୍ରଗିରି, ତାମିଲନାଡୁ

**Q32** GA

ନିମ୍ନଲିଖିତ ଲୋକ ଓ ଜନଜାତି ନୃତ୍ୟ ଶୈଳୀ ଯୋଡିଗୁଡ଼ିକ ମଧ୍ୟରୁ କେଉଁଟି ସେମାନଙ୍କ ସମ୍ପୃକ୍ତ ରାଜ୍ୟ ସହିତ ସଠିକ ଭାବରେ ମେଳ ହେଉଛି?

- **A.** C. ଗୌର ମାରିଆ - ଛତିଶଗଡ଼ ✓
- **B.** A. ରୌଫ - ଆସାମ
- **C.** B. ଛଉ - ମେଘାଳୟ
- **D.** D. ଲାବଣି - ଝାଡଖଣ୍ଡ

**Q33** GA

ରାଜସ୍ଥାନ ସହିତ କେଉଁ ଭୌଗୋଳିକ ବୈଶିଷ୍ଟ୍ୟ ସର୍ବାଧିକ ଭାବେ ଜଡ଼ିତ ଅଟେ?

- **A.** B. ଘନ କ୍ରାନ୍ତୀୟ ଚିରହରିତ ଅରଣ୍ୟ
- **B.** C. ଉପକୂଳବର୍ତ୍ତୀ ଉପହ୍ରଦ ଏବଂ ଅପ୍ରବାହୀ ଜଳ
- **C.** A. ଶୁଷ୍କ ମରୁଭୂମି ପ୍ରାକୃତିକ ଦୃଶ୍ୟ ✓
- **D.** D. ଉଚ୍ଚ-ପର୍ବତୀୟ ହିମବାହ

**Q34** GA

ଓଡ଼ିଶାର କେଉଁ ଆଦିବାସୀ ଗୋଷ୍ଠୀ 'ଡଙ୍ଗରିଆ କନ୍ଧ' (Dongria Kondh) ଉପଗୋଷ୍ଠୀ ଏବଂ ନିୟମଗିରି ପର୍ବତମାଳା (Niyamgiri hills) ଅଞ୍ଚଳ ସହିତ ସବୁଠାରୁ ନିବିଡ଼ ଭାବେ ଜଡ଼ିତ ଅଟନ୍ତି?

- **A.** C. ଦକ୍ଷିଣ ଓଡ଼ିଶା ମାଳଭୂମି ଅଞ୍ଚଳର କନ୍ଧ ଆଦିବାସୀ ସମ୍ପ୍ରଦାୟ ✓
- **B.** B. ଉତ୍ତର ଓଡ଼ିଶାର ବନାଞ୍ଚଳସ୍ଥିତ ସାନ୍ତାଳ ଆଦିବାସୀ ସମ୍ପ୍ରଦାୟ
- **C.** A. ମାଲକାନଗିରି ପାର୍ବତ୍ୟ ଅଞ୍ଚଳର ଅଭ୍ୟନ୍ତରୀଣ ଅଧିବାସୀ ବଣ୍ଡା ଆଦିବାସୀ ସମ୍ପ୍ରଦାୟ
- **D.** D. ଗଜପତି ଉପକୂଳବର୍ତ୍ତୀ ଅନ୍ତର୍ଦେଶୀୟ ଅଞ୍ଚଳର ସଉରା ଆଦିବାସୀ ସମ୍ପ୍ରଦାୟ

**Q35** GA

ଭାରତୀୟ ସମ୍ବିଧାନର ଭାଗ IV ରେ ଥିବା ନିମ୍ନଲିଖିତ ଧାରା ମଧ୍ୟରୁ କେଉଁଟି ନାଗରିକମାନଙ୍କୁ ସମାନ ନ୍ୟାୟ ପ୍ରଦାନ ଏବଂ ମାଗଣା ଆଇନଗତ ସହାୟତା ଯୋଗାଇ ଦେବା ଉପରେ ଧ୍ୟାନ ଦିଏ?

- **A.** D. ଧାରା 32
- **B.** A. ଧାରା 39A ✓
- **C.** C. ଧାରା 49
- **D.** B. ଧାରା 51A

**Q36** GA

ପଞ୍ଜାବର ଅମଳ ଉତ୍ସବ ସହିତ ପାରମ୍ପରିକ ଭାବେ କେଉଁ ଲୋକନୃତ୍ୟ ଜଡିତ ଅଟେ?

- **A.** D. ବିହୁ
- **B.** B. ଗରବା
- **C.** A. ଭାଙ୍ଗଡା ✓
- **D.** C. ଲାବଣି

**Q37** GA

ଜୁଆର ଶକ୍ତି କାହାର ଗତିବିଧି ଦ୍ୱାରା ଉତ୍ପନ୍ନ ହୁଏ?

- **A.** C. ମରୁଭୂମି ପବନ
- **B.** D. ମହାସାଗରୀୟ ଜୁଆର ✓
- **C.** B. ଅଣ୍ଡରଗ୍ରାଉଣ୍ଡ ମାଗ୍ମା
- **D.** A. ନଦୀ ଅବକ୍ଷେପ

**Q38** GA

ଏପ୍ରିଲ 2026 ସୁଦ୍ଧା, ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ଓଡ଼ିଶାର କେତୋଟି ରେଳ ଷ୍ଟେସନ ପୁନଃବିକଶିତ ହେଉଥିବା ରିପୋର୍ଟ କରାଯାଇଥିଲା?

- **A.** A. 25
- **B.** C. 100
- **C.** D. 59 ✓
- **D.** B. 40

**Q39** GA

ଭାରତର କୃଷି କ୍ଷେତ୍ରରେ କେଉଁ ପ୍ରକାରର ବେକାରୀ ସର୍ବାଧିକ ଦେଖିବାକୁ ମିଳେ ?

- **A.** B. ଚକ୍ରୀୟ ବେକାରୀ (Cyclical unemployment)
- **B.** A. ସ୍ୱଳ୍ପକାଳୀନ ବେକାରୀ (Frictional unemployment)
- **C.** D. ପ୍ରଚ୍ଛନ୍ନ ବେକାରୀ ✓
- **D.** C. ସଂରଚନାତ୍ମକ ବେକାରୀ

**Q40** GA

pH 2 ଥିବା ଏକ ଦ୍ରବଣ ________ ଅଟେ ।

- **A.** B. ନିରପେକ୍ଷ ବା ନ୍ୟୁଟ୍ରାଲ
- **B.** D. କ୍ଷାରୀୟ
- **C.** A. ଅମ୍ଳୀୟ ✓
- **D.** C. ଉଭୟଧର୍ମୀ (amphoteric)

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

## English

**Q41** English

Parts of a sentence are given below in jumbled order. Arrange the parts in the correct order to form a meaningful sentence.

(O) 'Each one teach one'
(P) towards eradication
(Q) is a step
(R) of illiteracy
(S) taken by government

**A.** A. RPQOS

**B.** B. OQPRS ✓

**C.** D. OPQRS

**D.** C. QPRSO

**Q42** English

Select the option that can be used as a one-word substitute for the given group of words.

One who studies the origin of words

**A.** D. Entomologist

**B.** A. Etymologist ✓

**C.** C. Philologist

**D.** B. Archaeologist

**Q43** English

Parts of a sentence are given below. While the first part is in the correct place, the remaining parts (labelled P, Q, R and S) are jumbled up. Arrange the parts in the correct order to form a meaningful and coherent sentence.

Sustainable development requires a balanced approach

P: ensuring that economic progress does not undermine social well-being

Q: while protecting natural resources for future generations

R: and promoting technologies that minimise environmental impact

S: by encouraging responsible production and consumption practices

**A.** B. Q R S P

**B.** A. P R S Q ✓

**C.** C. P S R Q

**D.** D. R Q S P

**Q44** English

Select the most appropriate antonym of the underlined word in the following sentence.

The nutritionist explained that adding leafy vegetables to one's diet was <u>beneficial,</u> improving overall health in a natural, neutral way.

**A.** A. essential

**B.** C. neutral

**C.** D. harmful ✓

**D.** B. experimental

Blackbook Vocabulary — Now in the App! ► Download Now on Google Play

**Q45** English

Read the following sentence and identify the wrongly spelt word.

The ancient manuscript was preserved with reverance, and its elucidation revealed the enigmatic origins of a long-forgotten civilization.

- **A.** B. manuscript
- **B.** D. reverance ✓
- **C.** C. elucidation
- **D.** A. enigmatic

**Q46** English

Select the most appropriate option that can substitute the underlined words in the given sentence.

His father advised him to be sincere as those who talk much may miss an important opportunity.

- **A.** D. a believer is a songless bird in a cage
- **B.** C. a bellowing cow soon forgets her calf
- **C.** A. a bribe will enter without knocking
- **D.** B. a bleating sheep loses a bite ✓

**Q47** English

> Read the passage and choose the correct answer to the questions based on it.
>
> John Bunyan (1628-1688) was an English Christian writer and preacher, whose enduring literary fame rests almost entirely on his allegorical masterpiece, The Pilgrim's Progress. Born into a humble background as a tinker, Bunyan's life was marked by deep spiritual conviction and subsequent persecution for his non-conformist religious beliefs, leading to multiple imprisonments. It was during one of these incarcerations that he composed his seminal work.
> The Pilgrim's Progress is structured as a dream vision, chronicling the journey of the protagonist, Christian, from the City of Destruction to the Celestial City. The narrative is a profound allegory for the Christian life, filled with vivid personifications like Obstinate, Pliable, and the daunting Slough of Despond. Despite its religious theme, Bunyan's simple, muscular prose and compelling narrative make the book a significant piece of English literature. His work provides a fascinating study of faith, perseverance, and the struggle for salvation.

Which of the following would be the most precise title for the passage?

- **A.** C. The Life of a Puritan Preacher
- **B.** A. John Bunyan: The Master of Allegory ✓
- **C.** B. The History of English Non-Conformism
- **D.** D. The Influence of Christianity on English

**Q48** English

What is the predominant tone of the passage when discussing John Bunyan's life and work?

- **A.** D. Critical and dismissive
- **B.** C. Informative and appreciative ✓
- **C.** B. Speculative and uncertain
- **D.** A. Biographical and melancholy

Blackbook Vocabulary — Now in the App! ► Download Now on Google Play

**Q49** English

Which of the following is explicitly stated as a characteristic of Bunyan's writing style in The Pilgrim's Progress?

- **A.** C. Highly ornate and complex metaphors
- **B.** D. Simple and muscular prose ✓
- **C.** A. Abstract philosophical arguments
- **D.** B. Focus on contemporary political events

**Q50** English

What can be inferred about the enduring success of The Pilgrim's Progress?

- **A.** A. Its popularity is limited primarily to academic literary circles.
- **B.** C. Its themes and style allow it to transcend its specific religious context. ✓
- **C.** B. It is read widely due to its historical importance as a political manifesto.
- **D.** D. It gained its fame only after the author's death and became popular.

**Q51** English

Choose the word from the passage that is an antonym for "obscurity."

- **A.** C. Allegorical
- **B.** B. Persecution
- **C.** D. Enduring
- **D.** A. Fame ✓

**Q52** English

Replace the given word segment with the correct proverb.

Quiet people often have deep thoughts or strong emotions.

- **A.** A. Empty vessels make the most noise.
- **B.** D. A picture is worth a thousand words.
- **C.** C. Still waters run deep. ✓
- **D.** B. The early bird catches the worm.

**Q53** English

Choose the incorrect indirect speech sentence.

- **A.** C. The operator asked the caller where the accident had occurred.
- **B.** A. The operator asked the caller if anyone was seriously injured.
- **C.** B. The operator asked the caller did anyone need medical help. ✓
- **D.** D. The operator asked the caller whether assistance was on the way.

Blackbook Vocabulary — Now in the App! ► Download Now on Google Play

generated by rank.qmaths.in

**Q54** English

Change the sentence from Active to Passive voice.

The government will implement new environmental policies to combat pollution.

- **A.** C. New environmental policies will be implemented by the government to combat pollution. ✓
- **B.** D. Pollution will be combated by the government implementing new environmental policies.
- **C.** B. The government is implementing new environmental policies to combat pollution.
- **D.** A. To combat pollution, the government will be implemented by new environmental policies.

**Q55** English

Identify the antonym of the underlined word in the given sentence.
The modern technology of communication is way more complex and less user-friendly.

- **A.** C. Recent
- **B.** D. Advanced
- **C.** A. Ancient ✓
- **D.** B. Updated

**Q56** English

Select the most appropriate option to fill in the blank.
He is ______ than his brother in mathematics.

- **A.** B. intelligent
- **B.** A. much intelligent
- **C.** D. more intelligent ✓
- **D.** C. most intelligent

**Q57** English

Fill in the blank by choosing the word that best completes the given sentence.
A sophisticated digital security system installed in the museum carefully _____ every movement of visitors to prevent any potential theft or damage to valuable artifacts.

- **A.** C. monitors ✓
- **B.** A. monitor
- **C.** D. monitoring
- **D.** B. monitored

**Q58** English

Choose the correct form of the present tense.

- **A.** B. The scientists discovered a new species of butterfly in the rainforest.
- **B.** A. The scientists had discovered a new species of butterfly in the rainforest.
- **C.** C. The scientists will discover a new species of butterfly in the rainforest.
- **D.** D. The scientists have discovered a new species of butterfly in the rainforest. ✓

Blackbook Vocabulary — Now in the App! ► Download Now on Google Play

generated by rank.qmaths.in

**Q59** English

Select the option that can be used as a one-word substitute for the underlined group of words.

She was bored with her <u>ordinary and monotonous</u> life.

- **A.** A. luxurious
- **B.** C. humdrum ✓
- **C.** B. extravagant
- **D.** D. adventurous

**Q60** English

Select the correct option to complete the given sentence.

There is ............ bird and ............ butterfly in my room.

- **A.** D. a, a ✓
- **B.** A. an, a
- **C.** B. the, a
- **D.** C. a, the

## Odia

**Q61** Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
ଏହି ବିଲ୍ ସଂବିଧାନକୁ ବଦଳାଏନାହିଁ।

- **A.** D. This bill changes the constitution.
- **B.** C. This bill does change the constitution.
- **C.** A. This bill does not change the constitution. ✓
- **D.** B. This act replaces the government.

**Q62** Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
Amitabh Bachchan is one of the greatest actors in India.

- **A.** A. ଅମିତାବ ବଚ୍ଚନ ଭାରତର ମହାନତମ ଅଭିନେତା ମଧ୍ୟରୁ ଅନ୍ୟତମ ଅଟନ୍ତି। ✓
- **B.** B. ଅମିତାଭ ବଚ୍ଚନ ଭାରତ ସର୍ବଶ୍ରେଷ୍ଠ ଅଭିନେତା ମଧ୍ୟରୁ ଗୋଟିଏ।
- **C.** C. ଅମିତାଭ ବଚ୍ଚନ ଭାରତର ସର୍ବଶ୍ରେଷ୍ଠ ଅଭିନେତା ମଧ୍ୟରେ ଗୋଟିଏ।
- **D.** D. ଅମିତାଭ ବଚ୍ଚନ ଭାରତର ସର୍ବଶ୍ରେଷ୍ଠ ଅଭିନେତାମାନେ ମଧ୍ୟରୁ ଗୋଟିଏ।

Blackbook Vocabulary — Now in the App! ► Download Now on Google Play

**Q63** Odia

**ନିମ୍ନଲିଖିତ ଅନୁଚ୍ଛେଦର ବିଷୟବସ୍ତୁକୁ ଭଲଭାବରେ ପଢ । ତା ତଳେ ପ୍ରଦତ୍ତ ପ୍ରତ୍ୟେକ ପ୍ରଶ୍ନର ଚାରିଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ ଉତ୍ତରକୁ ଚୟନ କରନ୍ତୁ ।**

ଜାତିର ପିତା ମହାତ୍ମା ଗାନ୍ଧୀ ଆତ୍ମନିର୍ଭରଶୀଳତା, ସରଳତା ଏବଂ ଗ୍ରାମୀଣ ସଶକ୍ତିକରଣର ଶକ୍ତି କୁ ସଦା ସର୍ବଦା ପ୍ରାଧାନ୍ୟ ଦେଉଥିଲେ । ଦେଶ ପ୍ରତି ତାଙ୍କର ଅନେକ ସାମାଜିକ ଏବଂ ଆର୍ଥିକ ଅବଦାନ ରହିଛି | ଖଦି ଏବଂ ଗ୍ରାମୋଦ୍ୟୋଗ (ଗ୍ରାମ ଶିଳ୍ପ) କ୍ଷେତ୍ରକୁ ସେ ସବୁ ବେଳେ ପ୍ରୋତ୍ସାହନ ଦେଉଥିଲା। ଗାନ୍ଧୀ ଖଦିକୁ କେବଳ ଏକ ବସ୍ତ୍ର ଭାବରେ ନୁହେଁ, ବରଂ ଭାରତର ସ୍ୱାଧୀନତା ଆନ୍ଦୋଳନର ପ୍ରତୀକ ଭାବରେ ବର୍ଣ୍ଣନା କରୁଥିଲେ |ଏହା ସ୍ୱଦେଶୀ, ଶ୍ରମର ମର୍ଯ୍ୟାଦା ଏବଂ ଆର୍ଥିକ ସ୍ୱାଧୀନତାର ପ୍ରତିନିଧିତ୍ୱ କରେ ବୋଲି ସେ ଦର୍ଶାଉଥିଲେ । ସେ ପ୍ରତ୍ୟେକ ଭାରତୀୟଙ୍କୁ ବ୍ରିଟିଶ ଶିଳ୍ପ ଶୋଷଣ ବିରୁଦ୍ଧରେ ଏକ ଶାନ୍ତିପୂର୍ଣ୍ଣ ଅସ୍ତ୍ର ଭାବରେ ଚରଖା ବୁଣି ଏବଂ ଖଦି ପିନ୍ଧିବାକୁ ଉତ୍ସାହିତ କରିଥିଲେ। ଏହି ପ୍ରଥା କେବଳ ଉପନିବେଶବାଦୀ ଅର୍ଥନୈତିକ ପ୍ରାଧାନ୍ୟକୁ ଚ୍ୟାଲେଞ୍ଜ କରିନଥିଲା ବରଂ ପାରମ୍ପରିକ କାରିଗରୀର ମର୍ଯ୍ୟାଦାକୁ ମଧ୍ୟ ପୁନର୍ଜୀବିତ କରିଥିଲା।

ଗ୍ରାମୋଦ୍ୟୋଗ ବା ଗ୍ରାମ ଶିଳ୍ପ ଗାନ୍ଧୀଙ୍କ ଅର୍ଥନୈତିକ ଦର୍ଶନର ଆଉ ଏକ ସ୍ତମ୍ଭ ଥିଲା। ସେ ଏକ ଆତ୍ମନିର୍ଭରଶୀଳ ଗ୍ରାମୀଣ ଭାରତର କଳ୍ପନା କରିଥିଲେ, ଯେଉଁଠାରେ ଗ୍ରାମବାସୀମାନେ କୃଷି, ହସ୍ତତନ୍ତ, ହସ୍ତଶିଳ୍ପ, ମାଟିପାତ୍ରତଥା ଅନ୍ୟାନ୍ୟ କୁଟୀର ଶିଳ୍ପ ମାଧ୍ୟମରେ ଜୀବିକା ଅର୍ଜନ କରିପାରିବେ। ଗ୍ରାମ ଗୁଡ଼ିକର ଉତ୍ଥାନ ହେଲେ ହିଁ ପ୍ରକୃତ ବିକାଶ ହୋଇପାରିବ ବୋଲି ଗାନ୍ଧୀ ବିଶ୍ୱାସ କରୁଥିଲେ | ଗ୍ରାମାଞ୍ଚଳକୁ ସେ ଭାରତର ମେରୁଦଣ୍ଡ ବୋଲି କହୁଥିଲେ। ସେ ଯୁକ୍ତି ବାଢୁଥିଲେ ଯେ ଶିଳ୍ପାୟନ ପାରମ୍ପରିକ ଜୀବିକାକୁ ନଷ୍ଟ କରିବା ଉଚିତ ନୁହେଁ ବରଂ ସେଗୁଡ଼ିକୁ ପରିପୂରକ କରିବା ଉଚିତ ଓ ସମାନ ବିକାଶ ସୁନିଶ୍ଚିତ କରିବା ଉଚିତ। ସ୍ୱାଧୀନତା ପରେ ପ୍ରତିଷ୍ଠିତ ଖଦି ଏବଂ ଗ୍ରାମୋଦ୍ୟୋଗ କମିଶନ (KVIC) ଭଳି ଅନୁଷ୍ଠାନ ଗୁଡ଼ିକ କାରିଗର ମାନଙ୍କୁ ସମର୍ଥନ, କଞ୍ଚାମାଲ ଯୋଗାଇବା, ମାର୍କେଟିଂ ସହାୟତା ଏବଂ ତାଲିମ ଦେଇ ତାଙ୍କ ଦୃଷ୍ଟିକୋଣକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

ସମସାମୟିକ ସମୟରେ ମଧ୍ୟ, ଖଦି ଏକ ସ୍ଥାୟୀ ଫ୍ୟାଶନ୍, ପରିବେଶ ଅନୁକୂଳ ଉତ୍ପାଦନ ଏବଂ ନୈତିକ ବ୍ୟବହାରର ପ୍ରତୀକ ଭାବରେ ଉଭା ହୋଇଛି। ଅନେକ ଯୁବ ଉଦ୍ୟୋଗୀ ଏବଂ ଡିଜାଇନର ମାନେ ବର୍ତ୍ତମାନ ଖଦିକୁ ଆଧୁନିକ ଶୈଳୀ ସହିତ ମିଶ୍ରଣ କରୁଛନ୍ତି, ଏହାକୁ ଜାତୀୟ ଏବଂ ବିଶ୍ୱସ୍ତରୀୟ ମାନ୍ୟତା ଦେଉଛନ୍ତି। ଗ୍ରାମୋଦ୍ୟୋଗ ପଦକ୍ଷେପ ଗୁଡ଼ିକ ଗ୍ରାମୀଣ ସମ୍ପ୍ରଦାୟକୁ ସଶକ୍ତ କରିବା, ନିଯୁକ୍ତି ସୃଷ୍ଟି କରିବା, ସ୍ଥାନୀୟ ଉଦ୍ୟୋଗକୁ ଉତ୍ସାହିତ କରିବା ଏବଂ ସହର ଗୁଡ଼ିକୁ ସ୍ଥାନାନ୍ତର ହ୍ରାସ କରିବା ଜାରି ରଖିଛି। ସରଳତା, ଆତ୍ମନିଯୁକ୍ତି ଏବଂ ସମ୍ପ୍ରଦାୟ-ଆଧାରିତ ଉତ୍ପାଦନ ଉପରେ ଗାନ୍ଧୀଙ୍କ ଗୁରୁତ୍ୱ ଆଜିର ବିଶ୍ୱାୟନ ଯୁଗରେ ପ୍ରାସଙ୍ଗିକ ରହିଛି, ଯେଉଁଠାରେ ସ୍ଥାୟୀ ବିକାଶ ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ମୁଖ୍ୟ ପ୍ରାଥମିକତା। ତାଙ୍କ ଦର୍ଶନ, ହସ୍ତନିର୍ମିତ, ଜୈବିକ ଏବଂ ସ୍ଥାନୀୟ ଭାବରେ ଉତ୍ପାଦିତ ସାମଗ୍ରୀକୁ ଆପଣେଇବାକୁ ପ୍ରେରଣା ଦିଏ ଏବଂ ଆମକୁ ମନେ ପକାଇ ଦିଏ ଯେ ଆର୍ଥିକ ପ୍ରଗତି ସର୍ବଦା ମାନବିକ ମର୍ଯ୍ୟାଦା ଏବଂ ସାମାଜିକ ନ୍ୟାୟ ସହିତ ସମନ୍ୱିତ ହେବା ଉଚିତ।

ଗାନ୍ଧୀଜୀ ଖଦିକୁ କେଉଁଟି ର ପ୍ରତୀକ ଭାବରେ ପ୍ରୋତ୍ସାହିତ କରିଥିଲେ?

- **A.** C. ଆଧୁନିକ ଯନ୍ତ୍ରପାତି
- **B.** B. ଔପନିବେଶିକ ବାଣିଜ୍ୟ
- **C.** D. ସ୍ୱାବଲମ୍ବନ ଏବଂ ସ୍ୱଦେଶୀ ✓
- **D.** A. ବିଳାସପୂର୍ଣ୍ଣ ଫ୍ୟାଶନ୍

**Q64** Odia

ଗ୍ରାମୋଦ୍ୟୋଗ କଣ କୁ ବୁଝାଏ?

- **A.** A. ଭାରୀ ଶିଳ୍ପ
- **B.** B. ଗ୍ରାମ ଶିଳ୍ପ ✓
- **C.** D. ବୈଦେଶିକ ବାଣିଜ୍ୟ
- **D.** C. ନଗର ବିକାଶ

**Q65** Odia

ସ୍ୱାଧୀନତା ପରେ କେଉଁ ଅନୁଷ୍ଠାନ ଖଦିକୁ ସମର୍ଥନ କରିଥିଲା ?

- **A.** C. ହାରତୀୟ ରିଜର୍ଭ ବାଙ୍କ
- **B.** B. ଖଦି ଏବଂ ଗ୍ରାମୋଦ୍ୟୋଗ କମିଶନ ✓
- **C.** A. ନୀତି ଆୟୋଗ
- **D.** D. ନାବାର୍ଡ

**Q66** Odia

ଗାନ୍ଧୀ କଣ ପାଇଁ ଚରଖାରେ ସୂତା ବୁଣିବାକୁ ପ୍ରୋତ୍ସାହିତ କରିଥିଲେ?

- **A.** B. ଆମଦାନୀ ନିର୍ଭରଶୀଳତା
- **B.** A. ଶିଳ୍ପ ଶ୍ରମ
- **C.** C. ଗ୍ରାମୀଣ ନିଯୁକ୍ତି ଏବଂ ଶ୍ରମର ମର୍ଯ୍ୟାଦା ✓
- **D.** D. ପର୍ଯ୍ୟଟନ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

**Q67** Odia

ବର୍ତ୍ତମାନ ଖଦି କାହା ସହିତ ଜଡିତ ?

- **A.** B. ପ୍ଲାଷ୍ଟିକ୍ ଉତ୍ପାଦ
- **B.** C. ଦ୍ରୁତ ଫ୍ୟାଶନ୍
- **C.** D. ପରିବେଶ ଅନୁକୂଳ ଏବଂ ସ୍ଥାୟୀ ପୋଷାକ ✓
- **D.** A. କୃତ୍ରିମ ବସ୍ତ୍ର

**Q68** Odia

"ମୁଣ୍ଡରେ କପଡ଼ା ପାଦରେ ତେଲ, ବଇଦ ସାଙ୍ଗରେ ହୋଇବ ଗେଲ" ଲୋକବାଣୀର ଅର୍ଥ କ'ଣ?

- **A.** C. ଶୃଙ୍ଗାର କରିବା
- **B.** B. ଅନାବଶ୍ୟକ ଖର୍ଚ୍ଚ
- **C.** D. ପାଦରେ ତେଲ ମାରିବା
- **D.** A. ଏ ଉଭୟ ସ୍ୱାସ୍ଥ୍ୟ ନିମିତ୍ତ ହିତକର ✓

**Q69** Odia

"ଛାଇକି ଛଅ ଘା ମାରିବା" - ଏହି ରୂଢିର ଠିକ୍ ଅର୍ଥ କଣ ?

- **A.** A. ସତ୍ୟ କଥା କହିବା ।
- **B.** B. ପ୍ରକୃତ କାରଣ ନଥାଇ କଳି କରିବା । ✓
- **C.** D. ଅନ୍ୟକୁ ସହଯୋଗ କରିବା ।
- **D.** C. ଭୟରେ କୁଆଡେ ପଳାଇବା ।

**Q70** Odia

"ସେ ପଢ଼ିବାକୁ ଚାହେଁ, ମାତ୍ର ସୁବିଧା ନାହିଁ" - ଏହି ବାକ୍ୟରେ ଅବ୍ୟୟ ପଦଟି କି ପ୍ରକାର ଭାବ ପ୍ରକାଶ କରୁଛି?

- **A.** B. ସଂଯୋଗ
- **B.** D. ବିୟୋଗ ✓
- **C.** C. ସାଦୃଶ୍ୟ
- **D.** A. ସମ୍ବୋଧନ

**Q71** Odia

ନିଶ୍ଚୟ ମୁଁ ଏ ବର୍ଷ ରାମେଶ୍ୱର ଯିବି। ଏହି ବାକ୍ୟରେ ଥିବା ବିଶେଷଣ ପଦଟିକୁ ଚିହ୍ନଟ କର।

- **A.** A. ନିଶ୍ଚୟ ✓
- **B.** C. ରାମେଶ୍ୱର
- **C.** D. ଯିବି
- **D.** B. ମୁଁ

**Q72** Odia

ନିମ୍ନୋକ୍ତ ବାକ୍ୟଗୁଡିକ ମଧ୍ୟରୁ ଶୁଦ୍ଧ ବାକ୍ୟଟିକୁ ଚିହ୍ନଟ କର।

- **A.** B. ସାରଳା ବାଲ୍ମୀକି ଦାଶ ଓଡ଼ିଶାର ଅଟନ୍ତି ।
- **B.** C. ସାରଳା ଦାସ ଓଡ଼ିଶାର ବାଲ୍ମୀକି ଅଟନ୍ତି । ✓
- **C.** A. ସରଳା ଦାସ ଓଡ଼ିଶାର ବାଲ୍ମୀକି ଅଟନ୍ତି ।
- **D.** D. ସାରଳ ଦାସ ଓଡ଼ୀଶାର ବାଲ୍ମୀକି ଅଟନ୍ତି ।

Blackbook Vocabulary — Now in the App! ► Download Now on Google Play

generated by rank.qmaths.in

**Q73** Odia

A friend of mine will come here tomorrow. -ଏହି ଇଂରାଜୀ ବାକ୍ୟଟିକୁ ଓଡ଼ିଆରେ ଅନୁବାଦ କର।

A. D. ଆସନ୍ତା କାଲି ମୋର ବନ୍ଧୁମାନେ ଏଠାକୁ ଆସିବେ I

B. A. ମୋର ଜଣେ ବନ୍ଧୁ କାଲି ଏଠାକୁ ଆସିବେ I ✓

C. B. ମୋର ଜଣେ ବନ୍ଧୁ କାଲି ଏଠାକୁ ଆସିଛନ୍ତି I

D. C. ମୋର ଜଣେ ସାଙ୍ଗ କାଲି ଏଠାକୁ ଆସିଥିଲେ I

**Q74** Odia

'କ୍ରିୟା ବିଶେଷଣର' ବିଶେଷତ୍ୱ କ'ଣ ?

A. A. ବିଶେଷଣକୁ ବିଶେଷିତ କରୁଥିବା ବିଶେଷଣ ।

B. B. ବିଶେଷ୍ୟକୁ ବିଶେଷିତ କରୁଥିବା ବିଶେଷଣ ।

C. C. କ୍ରିୟାକୁ ବିଶେଷିତ କରୁଥିବା ବିଶେଷଣ । ✓

D. D. ବିଶେଷଣକୁ ବିଶେଷିତ କରୁଥିବା କ୍ରିୟା ।

**Q75** Odia

"ସାପ ମରିବ ନାହିଁ କି ବାଡ଼ି ଭାଙ୍ଗିବ ନାହିଁ" ଏହାର ଅର୍ଥ କଣ?

A. A. ସାପକୁ ମାରିବା

B. B. ବାଡ଼ି ସଜାଡ଼ିବା

C. D. କୌଶଳରେ କାର୍ଯ୍ୟ ହାସଲ କରିବା ଯେପରି କାହାର କ୍ଷତି ନହୁଏ ✓

D. C. ଭୟ କରିବା

## Computer

**Q76** Computer

MS ପାୱାରପଏଣ୍ଟ 2021 ରେ, 'Slide Master' ଭ୍ୟୁ ଅନ୍ତର୍ଗତ 'Insert Placeholder' ଡ୍ରପଡାଉନରେ ନିମ୍ନଲିଖିତ ଅପସନଗୁଡ଼ିକ ମଧ୍ୟରୁ କେଉଁଟି ଉପଲବ୍ଧ ନାହିଁ?

A. B. ପିକଚର

B. D. ଚାର୍ଟ

C. C. ସ୍ମାର୍ଟଆର୍ଟ

D. A. ହାଇପରଲିଙ୍କ ✓

**Q77** Computer

ଗୋଟିଏ ଡକ୍ୟୁମେଣ୍ଟରେ ସମସ୍ତ ଟେକ୍ସଟ ସିଲେକ୍ଟ କରିବା ପାଇଁ କୀବୋର୍ଡ ସର୍ଟକଟ କ'ଣ?

A. A. Ctrl + A ✓

B. C. Ctrl + S

C. D. Ctrl + B

D. B. Ctrl + V

**Q78** Computer

ନିମ୍ନଲିଖିତ ମଧ୍ୟରୁ କେଉଁଟି ନନ-ଭୋଲାଟାଇଲ ମେମୋରିର ଏକ ପ୍ରକାର **ନୁହେଁ**?

A. D. EEPROM

B. C. PROM

C. A. DRAM ✓

D. B. Flash

**Q79** Computer

କମ୍ପ୍ୟୁଟରରୁ ଭିଜୁଆଲ ଆଉଟପୁଟ ଡିସପ୍ଲେ କରିବା ପାଇଁ କେଉଁ ଡିଭାଇସ ବ୍ୟବହାର କରାଯାଇଥାଏ?

A. C. କୀବୋର୍ଡ

B. D. ମାଉସ

C. B. ମନିଟର ✓

D. A. ସ୍କାନର

Blackbook Vocabulary — Now in the App! ► Download Now on Google Play

generated by rank.qmaths.in

**Q80** Computer

MS ୱାର୍ଡ 2021ରେ ପ୍ରୁଫରିଡିଙ୍ଗ (proofreading) ଟୁଲ ବ୍ୟବହାର କରିବା ସମୟରେ, ତ୍ରୁଟି(errors) ଚିହ୍ନଟ କରିବା ସମ୍ବନ୍ଧୀୟ ନିମ୍ନଲିଖିତ ବିବୃତ୍ତିଗୁଡ଼ିକ ମଧ୍ୟରୁ କେଉଁଟି ସତ୍ୟ ଅଟେ?

(i) ଏକ ତରଙ୍ଗାୟିତ ଲାଲ୍ ରେଖା (wavy red line) ସୂଚିତ କରେ ଯେ, ଶବ୍ଦଟି ଡିକ୍ସନାରୀରେ ଉପଲବ୍ଧ ନାହିଁ, ଯାହାକି ଏକ ସମ୍ଭାବ୍ୟ ବନାନଗତ ତ୍ରୁଟି (spelling error) କୁ ଦର୍ଶାଏ ।

(ii) ଏକ ତରଙ୍ଗାୟିତ ନୀଳ କିମ୍ବା ସବୁଜ ରେଖା (wavy blue or green line) ଏପରି ଏକ ବାକ୍ୟାଂଶ (phrase) କୁ ଚିହ୍ନିତ କରେ, ଯେଉଁଥିରେ ବ୍ୟାକରଣ (grammar), କାଳ (tense), କିମ୍ବା ଶୈଳୀ (style) ସମ୍ବନ୍ଧୀୟ ସମ୍ଭାବ୍ୟ ସମସ୍ୟା ଥାଇପାରେ ।

(iii) ଏହି ପ୍ରୁଫିଙ୍ଗ ଟୁଲ କେବଳ ସ୍କ୍ରିନରେ ଦୃଶ୍ୟମାନ ହେଉଥିବା ଟେକ୍ସଟ୍ (text) ରେ ହିଁ ତ୍ରୁଟି (errors) ଯାଞ୍ଚ କରିବ ଏବଂ ଯେଉଁ ଟେକ୍ସଟ୍ ଗୁଡ଼ିକ ସ୍କ୍ରୋଲ ହୋଇ ଦୃଶ୍ୟପଟରୁ ବାହାରକୁ ଚାଲିଯାଇଛି, ତାହାକୁ ଅଣଦେଖା କରିଥାଏ ।

- **A.** A. କେବଳ (i) ଏବଂ (ii) ✓
- **B.** D. କେବଳ (ii) ଏବଂ (iii)
- **C.** B. କେବଳ (i) ଏବଂ (iii)
- **D.** C. ସମସ୍ତ (i), (ii) ଏବଂ (iii)

**Q81** Computer

ସେଲରେ ଥିବା ଟେକ୍ସଟ ଏବଂ ନମ୍ବର ଉପରେ ଡିଫଲ୍ଟ ଭାବରେ ଏକ୍ସେଲ 2021 କେଉଁ ଆଲାଇନମେଣ୍ଟ ଆପ୍ଲାଏ କରେ?

- **A.** C. Text-left, numbers-right ✓
- **B.** A. Text-right, numbers-left
- **C.** B. Both centered
- **D.** D. All justified

**Q82** Computer

ପାୱାରପଏଣ୍ଟ ସ୍ଲାଇଡରେ ଟେକ୍ସଟ ଚେଞ୍ଜ କରିବା ପାଇଁ, ନିମ୍ନଲିଖିତ ମଧ୍ୟରୁ କେଉଁଟି ସଠିକ ଅଟେ?

- **A.** B. ଟେକ୍ସଟ ଥରେ ଟାଇପ ହୋଇଗଲେ ଫର୍ମାଟ ହୋଇପାରିବ ନାହିଁ
- **B.** D. ଆପଣ ଟେକ୍ସଟରେ ଥିବା ଫଣ୍ଟ ଟାଇପ, ସାଇଜ, କଲର ଏବଂ ଆଲାଇନମେଣ୍ଟ ପରିବର୍ତ୍ତନ କରିପାରିବେ ✓
- **C.** C. ଟେକ୍ସଟ କେବଳ ନୋଟ ସେକ୍ସନ ରେ ଏଡିଟ କରାଯାଇପାରିବ
- **D.** A. କଣ୍ଟେଣ୍ଟ ଏଡିଟ କରିବା ପାଇଁ ଆପଣଙ୍କୁ ସମ୍ପୂର୍ଣ୍ଣ ଟେକ୍ସଟ ବକ୍ସକୁ ଡିଲେଟ କରିବା ଆବଶ୍ୟକ

**Q83** Computer

ନିମ୍ନଲିଖିତ କାର୍ଯ୍ୟଗୁଡିକ ମଧ୍ୟରୁ କେଉଁଟି ଉତ୍ତମ ଇଣ୍ଟରନେଟ ଏଟିକ୍ୱେଟ (Internet etiquette) ର ଅନୁସରଣ କରେ?

- **A.** D. ମେସେଜରେ ସମସ୍ତ ବଡ଼ ଅକ୍ଷର ବ୍ୟବହାର କରିବା
- **B.** A. ଚେନ ମେଲଗୁଡିକୁ ବାରମ୍ବାର ଫରୱାର୍ଡ କରିବା
- **C.** C. ଅନଲାଇନରେ ଅନ୍ୟମାନଙ୍କ ପ୍ରାଇଭେସୀକୁ ସମ୍ମାନ ଦେବା ✓
- **D.** B. କନଫିଡେନ୍ସିଆଲ ଇନଫର୍ମେସନକୁ ସାର୍ବଜନୀନ ଭାବରେ ସେୟାର କରିବା

**Q84** Computer

ନିମ୍ନଲିଖିତ ମଧ୍ୟରୁ କେଉଁ ଇଣ୍ଟରନେଟ କମ୍ୟୁନିକେସନ ସର୍ଭିସ ୟୁଜରମାନଙ୍କୁ ରିଅଲ ଟାଇମ କଥାବାର୍ତ୍ତା କରିବା ସମୟରେ ପରସ୍ପରକୁ ଦେଖିବା ପାଇଁ ଅନୁମତି ଦିଏ?

- **A.** A. E-mail
- **B.** C. Video conferencing ✓
- **C.** B. Chat rooms
- **D.** D. Bulletin boards

**Q85** Computer

ନିମ୍ନଲିଖିତ କେଉଁଟି ସେଣ୍ଟ୍ରାଲ ପ୍ରୋସେସିଂ ୟୁନିଟ (CPU) ର ଏକ କମ୍ପୋନେଣ୍ଟ ହୋଇଥିବା କଣ୍ଟ୍ରୋଲ ୟୁନିଟ (CU) ର ମୁଖ୍ୟ କାର୍ଯ୍ୟକୁ ବର୍ଣ୍ଣନା କରେ?

- **A.** B. ସମସ୍ତ ଗାଣିତିକ କାଲକୁଲେସନ ଏବଂ ଲଜିକାଲ କମ୍ପାରିଜନର ସମ୍ପାଦନ କରିବା
- **B.** A. ଇନଷ୍ଟ୍ରକସନ ଫେଚ କରିବା, ସେଗୁଡ଼ିକୁ ଡିକୋଡ କରିବା ଏବଂ CPU ଓ ଅନ୍ୟାନ୍ୟ କମ୍ପୋନେଣ୍ଟଗୁଡ଼ିକୁ ଡାଟା ପ୍ରବାହ ନିର୍ଦ୍ଦେଶିତ କରିବା ✓
- **C.** C. ଅପରେଟିଂ ସିଷ୍ଟମ ଏବଂ ୟୁଜର ଫାଇଲଗୁଡ଼ିକର ଦୀର୍ଘକାଳୀନ ଷ୍ଟୋରେଜ ପରିଚାଳନା କରିବା
- **D.** D. ସାଂପ୍ରତିକ ପ୍ରୋସେସିଂ ହେଉଥିବା ଡାଟା ଏବଂ ଇନଷ୍ଟ୍ରକସନକୁ ଅସ୍ଥାୟୀ ଭାବରେ ଷ୍ଟୋର କରିବା

**Q86** Computer

ମାଇକ୍ରୋସଫ୍ଟ ୱାର୍ଡ ରିବନର କେଉଁ ଟ୍ୟାବରେ ବୁଲେଟ ଏବଂ ନମ୍ବରିଙ୍ଗ ପାଇଁ ସେଟିଙ୍ଗସ ଅଛି?

- **A.** A. Insert
- **B.** D. Layout
- **C.** B. Home ✓
- **D.** C. View

**Q87** Computer

କମ୍ପ୍ୟୁଟର ରେ ASCII ର ଉଦ୍ଦେଶ୍ୟ କ'ଣ?

- **A.** D. ଅଡିଓ ଫାଇଲଗୁଡ଼ିକୁ ଷ୍ଟୋର କରିବା
- **B.** A. ଏକ ହାର୍ଡ ଡିସ୍କକୁ ଫର୍ମାଟ କରିବା
- **C.** C. ଟେକ୍ସଟ କ୍ୟାରେକ୍ଟର ଏନକୋଡ କରିବା ✓
- **D.** B. ଫାଇଲ ସିଷ୍ଟମ ମ୍ୟାନେଜ କରିବା

**Q88** Computer

MS ଏକ୍ସେଲ ରେ ଏକ ଫର୍ମୁଲା କ'ଣ?

- **A.** B. ଏକ ଟେକ୍ସଟ ଷ୍ଟାଇଲ
- **B.** D. ଏକ ଡ୍ରଇଙ୍ଗ
- **C.** A. ଏକ କାଲକୁଲେସନ ନିୟମ ✓
- **D.** C. ଏକ ଡାଟା ରେଞ୍ଜ

Blackbook Vocabulary — Now in the App! ▶ Download Now on Google Play

**Q89** Computer

ଏକ ଏକ୍ସେଲ ୱାର୍କସିଟରେ ଫର୍ମୁଲା =SUM(A1:A6) କ'ଣ କରିବ?

A. D. A1 ରୁ A6 କୁ ଟେକ୍ସଟ କମ୍ବାଇନ କରିବ

B. A. A1 ରୁ A6 ପର୍ଯ୍ୟନ୍ତ ସମସ୍ତ ନ୍ୟୁମେରିକ ଭ୍ୟାଲ୍ୟୁ ଆଡ କରିବ ✓

C. C. A1 ରୁ A6 ରେ ସେଲ ସଂଖ୍ୟା କାଉଣ୍ଟ କରିବ

D. B. କେବଳ ସେଲ A6 ରୁ ଭ୍ୟାଲ୍ୟୁ ଡିସପ୍ଲେ କରିବ

**Q90** Computer

ପାୱାରପଏଣ୍ଟ 2010 ରେ ମିଡିଆ ଫାଇଲ ଇନସର୍ଟ କରିବା ସମୟରେ କେଉଁ ଫର୍ମାଟ ନେଟିଭଲି (natively) ସପୋର୍ଟେଡ ନୁହେଁ?

A. C. .mp4 ✓

B. B. .avi

C. A. mov

D. D. .flv

## Reasoning

**Q91** Reasoning

ଏକ ନିର୍ଦ୍ଦିଷ୍ଟ କୋଡ୍ ଭାଷାରେ,
'P + Q' ର ଅର୍ଥ 'P Q ଙ୍କ ମାଆ ଅଟନ୍ତି'
'P – Q' ର ଅର୍ଥ 'P Q ଙ୍କ ଭାଇ ଅଟନ୍ତି'
'P × Q' ର ଅର୍ଥ 'P Q ଙ୍କ ସ୍ତ୍ରୀ ଅଟନ୍ତି'
'P ÷ Q' ର ଅର୍ଥ 'P Q ଙ୍କ ବାପା ଅଟନ୍ତି' ।
ଯଦି 'L × M ÷ N + O – K' ହୁଏ, ତେବେ L ସମ୍ପର୍କରେ K ଙ୍କର କ'ଣ ହେବେ?

A. A. ମାଆଙ୍କ ମାଆ ✓

B. C. ବାପାଙ୍କ ମାଆ

C. B. ଭଉଣୀଙ୍କ ଝିଅ

D. D. ଝିଅର ଭଉଣୀ

**Q92** Reasoning

A, B, C, D, E, F, G ଏବଂ H ଏକ ବୃତ୍ତାକାର ଟେବୁଲ ଚାରିପାଖରେ କେନ୍ଦ୍ର ଆଡ଼କୁ ମୁହଁ କରି ବସିଛନ୍ତି । H ଙ୍କ ବାମ ପାର୍ଶ୍ୱ ତୃତୀୟ ସ୍ଥାନରେ D ବସିଛନ୍ତି । E ଏବଂ C ଉଭୟଙ୍କ ନିକଟତମ ପଡ଼ୋଶୀ H ଅଟନ୍ତି । D ଙ୍କ ଠିକ ବାମ ପାର୍ଶ୍ୱରେ F ବସିଛନ୍ତି । F ଙ୍କ ବାମ ପାର୍ଶ୍ୱ ତୃତୀୟ ସ୍ଥାନରେ E ବସିଛନ୍ତି । B ଏବଂ G ନିକଟତମ ପଡ଼ୋଶୀ ଅଟନ୍ତି, କିନ୍ତୁ E ଙ୍କ ନିକଟତମ ପଡ଼ୋଶୀ B ନୁହଁନ୍ତି । D ଙ୍କ ଡାହାଣ ପାର୍ଶ୍ୱରୁ ଗଣନା କଲେ D ଏବଂ B ଙ୍କ ମଧ୍ୟରେ କେତେ ଜଣ ବ୍ୟକ୍ତି ବସିଛନ୍ତି?

A. B. ଚାରି

B. A. ତିନି

C. D. ଦୁଇ

D. C. ପାଞ୍ଚ ✓

**Q93** Reasoning

ପ୍ରତ୍ୟେକ P, L, R, N, T, D ଓ E ଙ୍କ ପରୀକ୍ଷା ସୋମବାରରୁ ଆରମ୍ଭ ହୋଇ ସେହି ସପ୍ତାହର ରବିବାର ଦିନ ଶେଷ ହେଉଥିବା ଗୋଟିଏ ସପ୍ତାହର ଭିନ୍ନ ଭିନ୍ନ ଦିନରେ ଅଛି । E ଙ୍କ ପୂର୍ବରୁ କେବଳ ଚାରି ଜଣ ଲୋକଙ୍କ ପରୀକ୍ଷା ଅଛି । ବୁଧବାର ଦିନ R ଙ୍କ ପରୀକ୍ଷା ଅଛି । D ଙ୍କ ଠିକ ପୂର୍ବରୁ T ଙ୍କ ପରୀକ୍ଷା ଅଛି । E ଙ୍କ ପୂର୍ବରୁ L ଙ୍କ ପରୀକ୍ଷା ଅଛି । P ଙ୍କ ପରେ କିନ୍ତୁ R ଙ୍କ ପୂର୍ବରୁ N ଙ୍କ ପରୀକ୍ଷା ଅଛି । D ଓ P ଙ୍କ ମଧ୍ୟରେ କେତେ ଜଣ ଲୋକଙ୍କ ପରୀକ୍ଷା ଅଛି?

A. D. ତିନି

B. A. ଚାରି

C. B. ଦୁଇ

D. C. ପାଞ୍ଚ ✓

**Q94** Reasoning

BUNK ଇଂରାଜୀ ବର୍ଣ୍ଣମାଳା କ୍ରମ ଆଧାରରେ ଏକ ନିର୍ଦ୍ଦିଷ୍ଟ ଉପାୟରେ NGZW ସହିତ ସମ୍ପର୍କିତ । XQJG ସମାନ ଭାବରେ JCVS ସହିତ ସମ୍ପର୍କିତ । ସମାନ ତର୍କ ଅନୁସରଣ କରି ନିମ୍ନଲିଖିତ କେଉଁ ବିକଳ୍ପ ସହିତ HATQ ସମ୍ପର୍କିତ?

A. D. TMFC ✓

B. C. TFCM

C. A. TMHU

D. B. TCDE

Blackbook Vocabulary — Now in the App! ▶ Download Now on Google Play

**Q95** Reasoning

ପ୍ରଦତ୍ତ ଅନୁକ୍ରମକୁ ତର୍କସିଦ୍ଧ ଭାବେ ସଂପୂର୍ଣ୍ଣ କରିବା ପାଇଁ ନିମ୍ନ ଲିଖିତ ଅକ୍ଷର-ସଂଖ୍ୟା ପୁଞ୍ଜ ମଧ୍ୟରୁ କେଉଁଟିକୁ ପ୍ରଶ୍ନଚିହ୍ନ (?) ସ୍ଥାନରେ ସ୍ଥାପିତ କରାଯାଇପାରିବ?

GLA INE KPI MRM ?

- **A.** C. OTQ ✓
- **B.** A. NSP
- **C.** D. PUR
- **D.** B. NTR

**Q96** Reasoning

ଏକ ନିର୍ଦ୍ଦିଷ୍ଟ କୋଡ ଭାଷାରେ 'GLAD' କୁ '7542' ଭାବରେ ଏବଂ 'LENS' କୁ '1356' ଭାବରେ କୋଡ କରାଯାଇଛି । ପ୍ରଦତ୍ତ କୋଡ ଭାଷାରେ 'L' ପାଇଁ କୋଡ କ'ଣ ହେବ?

- **A.** D. 5 ✓
- **B.** C. 1
- **C.** A. 2
- **D.** B. 3

**Q97** Reasoning

ଯଦି ସଂଖ୍ୟା 7413856 ର ପ୍ରତ୍ୟେକ ଅଯୁଗ୍ମ ଅଙ୍କରେ 1 ଯୋଗ କରାଯାଏ ଏବଂ ପ୍ରତ୍ୟେକ ଯୁଗ୍ମ ଅଙ୍କରୁ 2 ବିୟୋଗ କରାଯାଏ, ତେବେ ଏହିପରି ଗଠିତ ନୂତନ ସଂଖ୍ୟାରେ କେତୋଟି ଅଙ୍କ ଏକାଧିକ ଥର ଦେଖିବାକୁ ମିଳିବ?

- **A.** C. କିଛି ନୁହେଁ
- **B.** A. ଏକ
- **C.** B. ଦୁଇ
- **D.** D. ତିନି ✓

**Q98** Reasoning

ଦିଆଯାଇଥିବା ବିବୃତି ଓ ନିଷ୍କର୍ଷଗୁଡ଼ିକୁ ଧ୍ୟାନପୂର୍ବକ ଅଧ୍ୟୟନ କରନ୍ତୁ । ସାଧାରଣ ଜଣାଶୁଣା ତଥ୍ୟ ଠାରୁ ଭିନ୍ନ ବୋଲି ପ୍ରତୀତ ହେଲେ ମଧ୍ୟ ଏହି ବିବୃତିଗୁଡ଼ିକରେ ପ୍ରଦତ୍ତ ତଥ୍ୟକୁ ସତ୍ୟ ଭାବରେ ବିବେଚନା କରନ୍ତୁ ଏବଂ ବିବୃତିରୁ ତର୍କସିଦ୍ଧ ଭାବରେ ଅନୁସୃତ ନିଷ୍କର୍ଷଟି/ଗୁଡ଼ିକ ନିର୍ଣ୍ଣୟ କରନ୍ତୁ ।

ବିବୃତି:
ସମସ୍ତ ଝିଅ ମହୁଫେଣା ଅଟେ ।
କୌଣସି ମହୁଫେଣା ଗାଈ ନୁହେଁ ।

ନିଷ୍କର୍ଷ (I) : କୌଣସି ଝିଅ ଗାଈ ନୁହେଁ ।
ନିଷ୍କର୍ଷ (II) : କିଛି ଗାଈ ମହୁଫେଣା ଅଟେ ।

- **A.** C. କେବଳ ନିଷ୍କର୍ଷ (I) ଅନୁସରଣ କରେ ✓
- **B.** D. କେବଳ ନିଷ୍କର୍ଷ (II) ଅନୁସରଣ କରେ
- **C.** A. ନିଷ୍କର୍ଷ (I) କିମ୍ବା (II) ଅନୁସରଣ କରେ ନାହିଁ
- **D.** B. ଉଭୟ ନିଷ୍କର୍ଷ (I) ଏବଂ (II) ଅନୁସରଣ କରନ୍ତି

**Q99** Reasoning

ଇଂରାଜୀ ବର୍ଣ୍ଣମାଳା କ୍ରମ ଆଧାରରେ ନିମ୍ନଲିଖିତ ଚାରୋଟି ଅକ୍ଷର ପୁଞ୍ଜ ଯୋଡ଼ି ମଧ୍ୟରୁ ତିନୋଟି ଏକ ନିର୍ଦ୍ଦିଷ୍ଟ ଉପାୟରେ ସଦୃଶ ଅଟନ୍ତି ତେଣୁ ଏହିପରି ଏକ ଗୋଷ୍ଠୀ ଗଠନ କରନ୍ତି । କେଉଁଟି ସେହି ଗୋଷ୍ଠୀର ଅନ୍ତର୍ଭୁକ୍ତ ନୁହେଁ? (ଦ୍ରଷ୍ଟବ୍ୟ: ଅସାମଞ୍ଜସ୍ୟଟି ବ୍ୟଞ୍ଜନବର୍ଣ୍ଣ/ସ୍ୱରବର୍ଣ୍ଣ ସଂଖ୍ୟା କିମ୍ବା ଅକ୍ଷର ପୁଞ୍ଜରେ ସେମାନଙ୍କର ସ୍ଥିତି ଉପରେ ଆଧାରିତ ନୁହେଁ)

- **A.** C. PO–RT ✓
- **B.** D. NM–QP
- **C.** A. ON–RQ
- **D.** B. SR–VU

**Q100** Reasoning

ଶବ୍ଦ CLIMATE ର ପ୍ରତ୍ୟେକ ସ୍ୱରବର୍ଣ୍ଣକୁ ଇଂରାଜୀ ବର୍ଣ୍ଣମାଳା କ୍ରମରେ ଏହାର ଠିକ ପରବର୍ତ୍ତୀ ଅକ୍ଷରରେ ପରିବର୍ତ୍ତନ କରାଯାଏ ଏବଂ ପ୍ରତ୍ୟେକ ବ୍ୟଞ୍ଜନ ବର୍ଣ୍ଣକୁ ଇଂରାଜୀ ବର୍ଣ୍ଣମାଳା କ୍ରମରେ ଏହାର ଠିକ ପୂର୍ବବର୍ତ୍ତୀ ଅକ୍ଷରରେ ପରିବର୍ତ୍ତନ କରାଯାଏ । ଏହିପରି ଗଠିତ ନୂତନ ଅକ୍ଷର ପୁଞ୍ଜରେ ନିମ୍ନଲିଖିତ ଅକ୍ଷରଗୁଡ଼ିକ ମଧ୍ୟରୁ କେଉଁଟି ଡାହାଣ ପାର୍ଶ୍ୱରୁ ତୃତୀୟ ହେବ?

- **A.** D. B ✓
- **B.** B. S
- **C.** C. F
- **D.** A. L

Blackbook Vocabulary — Now in the App! ► Download Now on Google Play